# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**25 December - 2024**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ଦେଶବାସୀଙ୍କୁ ସ୍ୱଚ୍ଛ ଶାସନ ସମ୍ପର୍କରେ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ସୁଶାସନ ଦିବସ
- ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି-ମଡେଲ ପ୍ୟାକ୍ସରେ କୃଷି ସମ୍ବନ୍ଧୀୟ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ କହିଲେ, ମୁଖ୍ୟମନ୍ତ୍ରୀ
- ଆନନ୍ଦ ଉଲ୍ଲାସର ସହ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ପାଳନ କରୁଛନ୍ତି **ବଡ଼ଦିନ;** ବିଭିନ୍ନ ଚର୍ଚ୍ଚରେ ସମୂହ ପ୍ରାର୍ଥନା

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା

## ମୁଖ୍ୟମନ୍ତ୍ରୀ-ସୁଶାସନ ଦିବସ

ବାଜପେୟୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସରକାର ରାଜ୍ୟରେ ସୁଶାସନ ଦେବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସୁଶାସନ ଦିବସ ପାଳନ ଅବସରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତ ବାଜପେୟୀଙ୍କର ଦେଶପ୍ରତି ଅତୁଳନୀୟ ଅବଦାନ ରହିଛି। ରାଜ୍ୟ ସରକାର ସବୁବେଳେ ଲୋକାଭିମୁଖୀ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ମାସ ଶେଷ ସୁଦ୍ଧା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତାରାଶି ପ୍ରଦାନ ସହ ରାଜ୍ୟର ୧ କୋଟି ମହିଳାଙ୍କୁ ଏହି ଯୋଜନାରେ ସାମିଲ କରାଯିବ।

## ସୁଶାସନ ଦିବସ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆଜି ଦେଶବ୍ୟାପୀ ସୁଶାସନ ଦିବସ ପାଳନ କରାଯାଉଛି । ଦେଶବାସୀଙ୍କ ମଧ୍ୟରେ ସ୍ୱଚ୍ଛ ଶାସନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଆଜି ନୂଆଦିଲ୍ଲୀସ୍ଥିତ ସ୍ୱର୍ଗତ ବାଜପେୟୀଙ୍କ ସମାଧିସ୍ଥଳ 'ସଦୈବ ଅଟଳ'ରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁଶାସନ ଦିବସ ଅବସରରେ ମଧ୍ୟପ୍ରଦେଶଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ମହାନ୍ ଜନନେତା ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି,

ଶ୍ରୀ ବାଜପେୟୀଙ୍କ ଆଦର୍ଶକୁ ପାଥେୟ କରି ରାଜ୍ୟ ସରକାର ସୁଶାସନ ମାଧ୍ୟମରେ ସମସ୍ତ ସାମାଜିକ ଓ ଆର୍ଥିକ ଉନ୍ନତିକୁ ନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସ୍ୱର୍ଗତ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆଜି ସକାଳେ ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ-ଏମ୍‌ସଠାରେ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସୁଶାସନ ଦିବସ ଅବସରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

**ପୁରୀ** ସଂସ୍କୃତିଭବନଠାରେ ଆଜି ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ସାଂସଦ ସମ୍ବିତ୍ ପାତ୍ର ପୁରୀ ସଦର ବ୍ରହ୍ମଗିରି ଓ ସତ୍ୟବାଦୀ ବିଧାୟକ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଭଳି ଦେଶସେବାରେ ଏବଂ ସମାଜର ବିକାଶରେ ନିଜକୁ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ।

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ମହାନଗର ନିଗମ ରାମଲିଙ୍ଗେଶ୍ୱର ପାର୍କଠାରେ ଆଜି ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କର ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଅନାବରଣ ହୋଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସମେତ ବିଧାୟକ ଓ ବହୁ ବରିଷ୍ଠ ସଦସ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ।

**କଟକ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସୁଶାସନ ଦିବସ ସମାରୋହରେ ଯୋଗଦେଇ ଜିଲ୍ଲାପାଳ ଦତ୍ତାତ୍ରେୟ

ଭାଉସାହେବ ସିନ୍ଦେ କହିଛନ୍ତି, ରାଷ୍ଟ୍ର ଗଠନରେ ଶ୍ରୀଯୁକ୍ତ ବାଜପେୟୀଙ୍କର ଚିନ୍ତାଧାରା ଓ ଆଦର୍ଶରେ ଦେଶବାସୀ ଅନୁପ୍ରାଣିତ ହୋଇ ଦେଶ ହିତ ପାଇଁ କାର୍ଯ୍ୟ କରିବା ଉଚିତ। ସମଗ୍ର ବିଶ୍ୱରେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ପ୍ରେମ ଓ ବନ୍ଧୁତା ସ୍ଥାପନ କରି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ବାଜପେୟୀଙ୍କର ପ୍ରୟାସ ସର୍ବଦା ସ୍ମରଣୀୟ।

**ବୌଦ୍ଧ** ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

**ନୟାଗଡ଼** ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ସୁଶାସନ ଦିବସ ପାଳନ ଅବସରରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗଦେଇ ବାଜପେୟୀଙ୍କର ଦୂରଦୃଷ୍ଟି ସମ୍ପନ୍ନ ସୁଶାସନ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ।

**ସୁବର୍ଣ୍ଣପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅବସରରେ **ଅଟଳ କବିତା** ଶୀର୍ଷକରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

**ଦେବଗଡ଼** ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସୁଶାସନ ଦିବସ ଅବସରରେ ବିଭିନ୍ନ ସ୍କୁଲ କଲେଜରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

**କେନ୍ଦୁଝର** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଉତ୍ସବରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ପାଟଣା ବିଧାୟକ, ତେଲକୋଇ ବିଧାୟକ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କର ଶାସନ ବ୍ୟବସ୍ଥା ଲୋକାଭିମୁଖୀ ଥିଲା ବୋଲି କହିଛନ୍ତି।

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଶାସନ ଦିବସ ପାଳନ ଅବସରରେ ରାଷ୍ଟ୍ରନାୟକ ବାଜପେୟୀଙ୍କ ସ୍ମୃତିଚାରଣ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ନୂଆପଡା** ଜିଲ୍ଲାର ବିଭିନ୍ନ ସ୍ଥାନରେ ଅଟଳ ବିହାରୀ ବାଜପେୟୀଙ୍କର ଶତବାର୍ଷିକୀ ପାଳିତ ହୋଇଯାଇଛି।

**ଫୁଲବାଣୀ** ଗାନ୍ଧୀ ସ୍ମୃତିଭବନରେ ଜିଲ୍ଲାସ୍ତରୀୟ ସୁଶାସନ ପାଳନ ଦିବସରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ମୁଖ୍ୟଅତିଥି ରୂପେ ଯୋଗଦେଇ ବାଜପେୟୀଙ୍କର ବିକଶିତ ଭାରତ ଗଠନରେ ତାଙ୍କର ଅବଦାନକୁ ସ୍ମରଣ କରାଇଥିଲେ।

**ଢେଙ୍କାନାଳ** ସ୍ଥିତ ପୁରୁଣା ଜିଲ୍ଲା ପରିଷଦ ଗୃହରେ ସୁଶାସନ ଦିବସରେ ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ ଯୋଗଦେଇ ସ୍ୱର୍ଗତ ବାଜପେୟୀଙ୍କର ରାଜନୀତିରେ ସଂସ୍କାର ବିଷୟରେ ଆଲୋଚନା କରିଥିଲେ।

**ଗଜପତି** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରଠାରେ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜୀତେନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବାଜପେୟୀଙ୍କର ସୁଶାସନର ଯୁଗାନ୍ତକାରୀ ପଦକ୍ଷେପର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

**ବଲାଙ୍ଗିର** ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ୍‌ରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଯୁଗପୁରୁଷ ଅଟଳ ବିହାରୀ ବାଜପେୟୀଙ୍କର ଜୀବନ ଆଦର୍ଶ ଓ ଦେଶ ପାଇଁ ଅବଦାନ ଉପରେ ଆଲୋକପାତ କରିଥିଲେ । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ବିକଶିତ ଭାରତ ଗଠନ ପାଇଁ କାର୍ଯ୍ୟ କରିଥିବା ବଲାଙ୍ଗିର ପୌରପାଳିକା ବଙ୍ଗୋମୁଣ୍ଡ ବ୍ଲକ୍ ସହିତ ଜିଲ୍ଲାର କଳା ସାହିତ୍ୟ କ୍ଷେତ୍ରରେ ସୁନା ଅର୍ଜନ କରିଥିବା କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା ।

୧୯୨୪ ମସିହା ଆଜିର ଦିନରେ ଅଟଳ ବିହାରୀ ବାଜପେୟୀ ମଧ୍ୟପ୍ରଦେଶର ଗ୍ୱାଲିୟର୍‌ଠାରେ ଜନ୍ମ ଗ୍ରହଣ କରିଥିଲେ । ସେ ତିନିଥର ଭାରତର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କର ପ୍ରଧାନମନ୍ତ୍ରିତ୍ୱ ସମୟରେ ଦେଶର ଆର୍ଥିକ ନୀତିକୁ ସଶକ୍ତ କରାଯିବା ସହିତ ମୌଳିକ ଢାଞ୍ଚାଗତ ପ୍ରକଳ୍ପ ଗୁଡ଼ିକ ସମେତ ଜାତୀୟ ରାଜପଥ ଏବଂ ଗ୍ରାମାଞ୍ଚଳର ସଡ଼କପଥର ଅନେକ ବିକାଶ ହୋଇପାରିଥିଲା । ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଭାରତ ସଫଳତାର ସହ 'ପୋଖରନ୍-୨' ପରମାଣୁ ପରୀକ୍ଷା କରିବା ପରେ ୧୯୯୮ ମସିହାରେ ଏକ ପରମାଣୁ ଶକ୍ତିସମ୍ପନ୍ନ ଦେଶ ଭାବେ ଭାରତ ନିଜକୁ ଗଢ଼ିତୋଳିଥିଲା ।

## ବହୁମୁଖୀ ସମବାୟ ସମିତି ଶୁଭାରମ୍ଭ

ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି-ମଡେଲ୍ ପ୍ୟାକ୍ସରେ ଗୋଟଏ ସ୍ଥାନରେ କୃଷି ସମ୍ବନ୍ଧୀୟ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ପ୍ରଥମ ପର୍ଯ୍ୟାୟରେ ପ୍ୟାକ୍ସ ଓ ଲ୍ୟାମ୍ପ୍ସ୍‌ଗୁଡ଼ିକରେ ୭୭ ଗୋଟି ମଡେଲ ପ୍ୟାକ୍ସ ପାଇଁ ନିଷ୍ପତ୍ତି ନେଇଛନ୍ତି। କୋ-ଅପରେଟିଭ୍ ସୋସାଇଟିଗୁଡ଼ିକୁ ସଶକ୍ତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। କାମଧେନୁ ଓ ଗୋମାତା ଯୋଜନାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମବାୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ନୂତନ କାର୍ଯ୍ୟକ୍ରମକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି। ପ୍ୟାକ୍ସ-ଲ୍ୟାମ୍ପ୍ସ୍‌କୁ ବହୁମୁଖୀ କରିବା ପାଇଁ କମ୍ପ୍ୟୁଟରୀକରଣ ମାଧ୍ୟମରେ ପ୍ୟାକ୍ସଗୁଡ଼ିକୁ ସ୍ୱଚ୍ଛ ଓ ମଜବୁତ୍ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ଉପସ୍ଥିତ ଥିଲେ।

## ବଡଦିନ

ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଆନନ୍ଦ ଓ ଉଲ୍ଲାସର ସହ ବଡଦିନ ପର୍ବ ପାଳନ କରାଯାଉଛି । ଖ୍ରୀଷ୍ଟଧର୍ମର ପ୍ରବର୍ତ୍ତକ ପ୍ରଭୁ ଯୀଶୁଖ୍ରୀଷ୍ଟ ଆଜିର ଦିନରେ ଧରାବତରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ଏହି ଅବସରରେ ବାପିଷ୍ଟ୍ ଓ କ୍ୟାଥୋଲିକ୍ ଚର୍ଚ୍ଚରେ ସମୂହ

ପ୍ରାର୍ଥନା କରାଯାଇଛି । ଚର୍ଚ୍ଚଗୁଡ଼ିକୁ ସୁନ୍ଦର ଆଲୋକମାଳାରେ ସଜ୍ଜାଯାଇଛି ।

ପବିତ୍ର ବଡ଼ଦିନ ଉପଲକ୍ଷେ ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କୁ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇ ଏକ ବିକଶିତ ଓଡ଼ିଶା ଗଠନରେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ବଡ଼ଦିନ ଅବସରରେ ପୁରୀ ବେଳାଭୂମିରେ ବିଶ୍ୱର ସର୍ବବୃହତ୍ ବାଲୁକାକଳା ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଛି ।

**ବୌଦ୍ଧ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ବଡ଼ ଦିନ ପର୍ବ ଧୁମଧାମ୍‌ରେ ପାଳିତ ହୋଇଛି । ଚର୍ଚ୍ଚଗୁଡ଼ିକରେ ପ୍ରଭୁ ଯୀଶୁଙ୍କର ତ୍ୟାଗ ଓ ମହତ୍ ବାଣୀ ଉପରେ ଚର୍ଚ୍ଚା କରାଯିବା ସହ ସମୂହ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା ।

**ସୁବର୍ଣ୍ଣପୁର** ଜିଲ୍ଲାର ସଦରମହକୁମା ସମେତ ଉଲୁଣ୍ଡା, ତରଭା ପ୍ରଭୃତି ଅଂଚଳରେ ରହିଥିବା ଖ୍ରୀଷ୍ଟଧର୍ମ ସମ୍ପ୍ରଦାୟର ଲୋକମାନେ ପରସ୍ପର ଶୁଭେଚ୍ଛା ଦିଆନିଆ ସହ ଚର୍ଚ୍ଚଗୁଡ଼ିକରେ ସମୂହ ପ୍ରାର୍ଥନା ସଭାରେ ଯୋଗଦେଇଛନ୍ତି ।

**ନବରଙ୍ଗପୁର** ଜିଲ୍ଲାରେ ବଡ଼ଦିନ ହର୍ଷ ଉଲ୍ଲାସର ସହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଚର୍ଚ୍ଚଗୁଡ଼ିକରେ ସମୂହ ପ୍ରାର୍ଥନା ଓ ବାଇବେଲ ପାଠ କରାଯାଇଥିଲା ।

## ବାମଣ୍ଡା କପ୍

**ଦେବଗଡ଼** ଜିଲ୍ଲାରେ ୩୪ତମ ବାମଣ୍ଡା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଛନ୍ତି। ଆଗାମୀ ଦିନରେ ଜିଲ୍ଲାରେ ଏକ ଅତ୍ୟାଧୁନିକ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ସହ ଜିଲ୍ଲାକୁ କ୍ରୀଡା କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ଶ୍ରୀ ପ୍ରଧାନ ସମାରୋହରେ ଗୁରୁତ୍ୱାରୋପ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ୮ଟି ଉଚ୍ଚସ୍ତରୀୟ ଟିମ୍ ଭାଗ ନେଇଥିବାବେଳେ ଆଜି ଖୋର୍ଦ୍ଧା ରେଲୱେ ଡିପାର୍ଟମେଣ୍ଟ ଓ କଟକର ୟୁନିଅନ୍ ସ୍ପୋର୍ଟିଂ କ୍ଲବ୍ ମଧ୍ୟରେ ମ୍ୟାଚ୍ ଖେଳାଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଆସନ୍ତା ୨୯ ତାରିଖରେ ଖେଳାଯିବ।

## କୃଷି ଯନ୍ତ୍ରପାତି ମେଳା

କୃଷି ହେଉଛି ସମ୍ବଲପୁରର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। **ସମ୍ବଲପୁର** ପିଏଚ୍‌ଡି ପଡିଆରେ ଆୟୋଜିତ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ  କହିଛନ୍ତି, କୃଷକମାନଙ୍କ ନିକଟରେ ଆଧୁନିକ କୃଷି ଯନ୍ତ୍ରପାତି ପହଞ୍ଚାଇବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ସ୍ୱାଗତଯୋଗ୍ୟ। ସୁଶାସନ ଦିବସ ଅବସରରେ  ଜିଲ୍ଲାର ଅଇଁଠାପାଲିଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, କୃଷି ମହୋତ୍ସବ ଏବଂ ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ମେଳାରେ କେନ୍ଦ୍ରମନ୍ତ୍ରୀ ଚାଷୀମାନଙ୍କୁ ଆଧୁନିକ କୃଷି ଉପକରଣ ବଣ୍ଟନ କରିଛନ୍ତି। ଏଥିସହ ବିଭିନ୍ନ

ଚାଷୀ ଓ ସଂସ୍ଥାମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରିଛନ୍ତି।

## ଯୁବଉତ୍ସବ

**ନୂଆପଡା** ଜିଲ୍ଲା ନ୍ୟାସନାଲ କଲେଜ ପରିସରରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯୁବଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ନୂଆପଡା, ଖଡିଆଳ ବିଧାୟକ ପ୍ରମୁଖ ଯୋଗଦେଇ ସମାଜ ଓ ଦେଶରେ ସୁଧାର ଆଣିବା ପାଇଁ ଯୁବଗୋଷ୍ଠୀ ସଚେତନ ହେବା ଆବଶ୍ୟକ ବୋଲି କହିଛନ୍ତି।

## ଚାଷୀ ଅଭିଯୋଗ

ଲଘୁଚାପଜନିତ ବର୍ଷା ଯୋଗୁଁ ନୂଆପଡା ଜିଲ୍ଲାରେ ମଣ୍ଡିରେ ରହିଥିବା ଧାନବସ୍ତାଗୁଡ଼ିକ ବର୍ଷାରେ ଭିଜିଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲ୍ଲାର ଅନେକ ମଣ୍ଡିରେ ଧାନବସ୍ତା ରଖିବା ପାଇଁ ଆବଶ୍ୟକ ବ୍ୟବସ୍ଥା ନ ଥିବାରୁ ଧାନବସ୍ତାଗୁଡ଼ିକ ବର୍ଷାରେ ଭିଜୁଛି ବୋଲି ଚାଷୀମାନେ କହିଛନ୍ତି। କରଙ୍ଗାମାଲର ଗଣ୍ଡାବାହାଲି ଧାନମଣ୍ଡିରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ସେଠାରେ ଚାଷୀମାନେ ମଣ୍ଡିରୁ ବର୍ଷାଜଳ ନିଷ୍କାସନ କରୁଥିବା ଦେଖିବାକୁ ମିଳିଛି। ଧାନ ଗଜା ହୋଇଥିବା ଆଶଙ୍କା କରି ଚାଷୀମାନେ ଶୀଘ୍ର ଧାନ ଉଠାଇବାକୁ ଦାବି କରିଛନ୍ତି।

## ଶିଶୁ ସାହିତ୍ୟ ସମ୍ମିଳନୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ୩୨ତମ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ଆଜି ପୁରୀ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶିଶୁ କିଶୋର ସାହିତ୍ୟ ଏକାଡେମୀର ଶିଶୁ ସାହିତ୍ୟ ସଂସଦ ସଭାପତି ପ୍ରଫେସର ଦାସ ବେନହୂର  ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ, ବିଶ୍ୱ ଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାଷାଭବନର ଅଧ୍ୟକ୍ଷ ପ୍ରଫେସର ମନୋରଞ୍ଜନ ପ୍ରଧାନ, ପ୍ରଫେସର ବିଜୟାନନ୍ଦ ସିଂ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ପଠନମନସ୍କ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀରେ ପ୍ରତି ବ୍ଲକ୍‌ରେ ଶିଶୁ ପାଠାଗାର ଓ ସଂଗ୍ରହାଳୟ ଖୋଲାଯିବାକୁ ଗୁରୁତ୍ୱାରୋପ କରାଯାଇଛି।

## ପାଣିପାଗ

ଦକ୍ଷିଣ ପଶ୍ଚିମ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗିଠାରେ ସର୍ବାଧିକ ୭୪ ମିଲିମିଟର ବର୍ଷା ହୋଇଛି। ଲଘୁଚାପ ପ୍ରଭାବରେ ଆଜି କଟକ-ଭୁବନେଶ୍ୱର ସହ ୯ଟି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲିଠାରୁ ବର୍ଷାର ପରିମାଣ କମିବା ସହ ଶୀତର ପ୍ରକୋପ ବୃଦ୍ଧି ପାଇବ  ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।